## ଚାନ୍ଦପୁରରେ ରକ୍ତଦାନ ଶିବିର

ଚିକିଟି, (ଡି.ଏନ୍.ଏ.)-ଚିକିଟି ବ୍ଲକ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ମନୁ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଚିକିଟି ନିର୍ବାଚନ ମଣ୍ଡଳୀର ଭାଜପା ମହିଳା ସଭାନେତ୍ରୀ ମୀନା ଦ୍ୟାନସାମନ୍ତରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା, ପାତ୍ରପୁର ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା ରେଡ୍ଡୀ, ଚାନ୍ଦପୁର ପଞ୍ଚାୟତର ସରପଞ୍ଚ ସଙ୍ଗୀତା ସେଠୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମିତିସଭ୍ୟ ଅକ୍ଷୟ ସେଠୀ, ଅଞ୍ଚଳ ସମାଜସେବୀ ହୃଷିକେଶ ନାୟକ, ଭାଜପାର ବରିଷ୍ଠ ସଂଗଠକ ଏସ. ନାଗଭୂଷଣ ସମେତ ବହୁ ବୁଦ୍ଧିଜୀବୀ ସହଯୋଗ କରିଥିଲେ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

ପୁରୁଷୋତ୍ତମପୁର,୧୭।୧୨ (ଡି.ଏନ.ଏ.)-ପୁରୁଷୋତ୍ତମପୁର ସହର ଉପକଣ୍ଠରେ ଥିବା କାଳୀ ମନ୍ଦିର ଛକ ପୋଖରୀରେ ଶନିବାର ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ନୂଆଁଗାଁର ଚିତ୍ତରଞ୍ଜନ ବିଷୋଇ(୪୦)। ଚିତ୍ତରଞ୍ଜନ ଗତ କିଛି ଦିନ ହେଲା ପୁରୁଷୋତ୍ତମପୁରରେ ଥିବା ଏକ ଫର୍ନିଚର ଦୋକାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ପୁରୀ ଯାଇ ଜଗନ୍ନାଥଙ୍କ ଦର୍ଶନ ସାରି ରାତ୍ରରେ ଫେରି ଶୌଚ ଲାଗି ପୋଖରୀକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଖବରପାଇ ପୁରୁଷୋତ୍ତମପୁର ଦମକଳ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ପୋଲିସ ନଂ. ୨୮/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

ସୋରଡ଼ା, ୧୭।୧୨ (ଡି.ଏନ୍.ଏ): ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ଦକ୍ଷିଣସମ୍ଭାଗ ଭଞ୍ଜନଗର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସରସତୀ ଶିଶୁମନ୍ଦିର ଖେଳ ପଡ଼ିଆରେ ଶନିବାର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନ ସମାରୋହରେ ଏନ୍ଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ତହସିଲଦାର ପ୍ରଫୁଲ୍ଲ କୁମାର ଡାକୁଆ, କାଉନସିଲର ରଜନୀକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଗାଲେରୀ, ଗୟାଗଣ୍ଡା, କରଚୁଲି, ବଡ଼ଗଡ଼, ସୋରଡା, ଦିହାପଢ଼ାଳ, ବୁଗୁଡା, ମୁଜାଗଡ଼, ବେଲଗୁଣ୍ଠା, ବଡ଼କୋଦଣ୍ଡା, କୁଲାଡ ମୋଟ ୧୧ଟି ଶିଶୁମନ୍ଦିରର ୧୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହେବ। ଗୁରୁଜୀ ସୁନୀଲ କୁମାର ରଥ, ଜିତେନ୍ଦ୍ର କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

### ଉପ କାରାଗାର, ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ଜି.ଉଦୟଗିରି,୧୭।୧୨(ଡି.ଏନ୍.ଏ.)- କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଦୌରାଜଜ ସତ୍ୟପିର ମିଶ୍ର, ଏସ୍‌ଡିପିଓ ଡି.ତିରୁପତି ରାଓ ପଟ୍ଟନାୟକ ଜି.ଉଦୟଗିରି ଉପକାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କୁ ଭେଟିବା ସହ ଦିଆଯାଉଥିବା ଖାଦ୍ୟର ମାନ ପରଖିବା ଓ ଶୌଚାଳୟର ସ୍ୱଚ୍ଛତା ଦେଖିଥିଲେ। ଜେଲ ପରିଦର୍ଶନ ପରେ ଜିଲାପାଳ ଆଶିଷ ଈଶ୍ୱର ପଟେଲ ନିଜେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଯଥା ସୁଭଦ୍ରା ମହତାବ, ଅନ୍ୱେଷା ହଷ୍ଟେଲ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିବା ସହ ଇଂରାଜୀ ଓ ଗଣିତ ପ୍ରଶ୍ନ ପଚାରିଥିଲେ। ଶୌଚାଳୟର ସ୍ୱଚ୍ଛତା ଓ ହଷ୍ଟେଲରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ପରଖିଥିଲେ। ପରେ ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ କତିଙ୍ଗିଆ ପଞ୍ଚାୟତ ୫ଟି ହଷ୍ଟେଲ ବୁଲିଦେଖିବା ସହ ସରପଞ୍ଚ ଓ ପ୍ରଧାନ ଶିକ୍ଷକଙ୍କ ସହ ୫ଟି କାମର ମାନ ପରଖିଥିଲେ। ଶେଷରେ ହାଟପଦାଠାରେ ଥିବା ଗୁଡ଼ ସମରିଟାନ ଲାଇଭ୍‌ଲି ପ୍ରୋସେସିଂ ୟୁନିଟ ଯାଇ ଯନ୍ତ୍ରାଂଶ ଓ ପ୍ରସ୍ତୁତି ବ୍ୟବସ୍ଥା ଦେଖିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ଆଶିଷ କୁମାର ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମଳୟ ବେହେରା, ଏଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଅପରାଧୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

## ଗଞ୍ଜାମ ପୋଲିସ ଜିଲା ସମୀକ୍ଷା ବୈଠକ

ଛତ୍ରପୁର ,୧୭।୧୨ (ଡି.ଏନ୍.ଏ)

ଆଗକୁ ନୂଆବର୍ଷ ଓ ବଡ଼ଦିନ ଆସୁଛି। ଏନେଇ ଗଞ୍ଜାମ ପୋଲିସ ଜିଲାରେ ଅପରାଧୀଙ୍କୁ ଦମନ କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ରୋକିବାକୁ ଫୋକସ ଭାବେ ଗ୍ରହଣ କରିବା ନିମନ୍ତେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଏସ୍‌ପି କହିଛନ୍ତି ଯେ, ସର୍ବଦା ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ସହ ଚୋରା ମଦ କାରବାର, ଦାଦାବଟି ଭଳି ବିଭିନ୍ନ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିଙ୍କ ଉପରେ ତୀକ୍ଷଣ ନଜର ରଖି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ଅପରାଧୀ, ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ଗାଁ ଗାଁରେ ବିଶୃଙ୍ଖଳା କରୁଥିବା ବ୍ୟକ୍ତିମାନଙ୍କ ଗତିବିଧି ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ସେମାନଙ୍କ ଉପରେ ନଜର ରଖିବାକୁ ସମସ୍ତ ଥାନାଧିକାରୀମାନଙ୍କୁ ଭିସି ମାଧ୍ୟମରେ ଏସ୍‌ପି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଥାନା ଅଞ୍ଚଳରେ ତଦନ୍ତ ଆଳରେ ପଡ଼ିଥିବା ମାମଲାର ତୁରନ୍ତ ଫଇସଲା କରିବା ନିମନ୍ତେ ଏସ୍‌ପି କହିଛନ୍ତି । ଥାନା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଉପରେ ଚଢ଼ାଉ କରି ଅପରାଧୀମାନଙ୍କୁ ଗିରଫ କରିବା ନିମନ୍ତେ ଏସ୍‌ପି ଆୟୋଜିତ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅପରାଧ କରି ଫେରାର ଥିବା ଅଭିଯୁକ୍ତମାନଙ୍କର ଏକ ତାଲିକା କରି ତୁରନ୍ତ ଗିରଫ ପାଇଁ ଏକ ଡ୍ରାଇଭ କରିବାକୁ କୁହାଯାଇଛି। ସେହିପରି ସନ୍ଧାନୀ ଦଳ ଯେଉଁ ସ୍ଥାନକୁ ତଦନ୍ତ କରିବାକୁ ଯାଉଛନ୍ତି ଏହା ଉଚ୍ଚକୋଟିର ହେବା ଆବଶ୍ୟକ ବୋଲି ଏସ୍‌ପି କହିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ପି. କେ. ଦଳାଇ, ଡିଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସମେତ ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଥାନା ଅଧିକାରୀମାନେ ଭିସି ମାଧ୍ୟମରେ ଯୋଡ଼ି ହୋଇଥିଲେ ।



ଜିଲା ସମୀକ୍ଷା ବୈଠକରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ।

## କିନ୍ନର ସଶକ୍ତୀକରଣ କର୍ମଶାଳା

# ‘ସ୍ୱୀକୃତି’ ଯୋଜନାରେ ଦିଆଗଲା ପ୍ରୋତ୍ସାହନ ରାଶି

ବାଲିଗୁଡ଼ା, ୧୭।୧୨(ଡି.ଏନ୍.ଏ.):

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଟିକାବାଲି ବ୍ଲକ ପ୍ରଶାସନ ଓ ‘ସ୍ୱାତୀ’ର ମିଳିତ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବୈଠକ ଗୃହରେ ଗରିବ ଦୂରୀକରଣ ଯୋଜନା ଓ କିନ୍ନର ସଶକ୍ତୀକରଣ କାର୍ଯ୍ୟକ୍ରମ ‘ସ୍ୱୀକୃତି’ ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷ ଦିଲୀପ କୁମାର କହଁର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ସାଧବାଣୀ ନାୟକ ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁନିଲ କୁମାର ମଲ୍ଲିକ ସ୍ୱାଗତ କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ, ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିରଞ୍ଜନ ଜେନା, ପୁଲିସ ଅଧିକାରୀ ବାସନ୍ତୀ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ଗ୍ରାମସଭାରେ କିନ୍ନରମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରି ବିଭିନ୍ନ ଯୋଜନାରେ ସାମିଲ କରିବାକୁ ପ୍ରାଥମିକତା ଦେବା ଉପରେ ମତବ୍ୟକ୍ତ କରିଥିଲେ। ପାବୁରିଆ ସରପଞ୍ଚ ସଞ୍ଜୟ ନାୟକ କିନ୍ନରମାନେ ଯେଭଳି ସମ୍ମାନର ସହିତ ବଞ୍ଚିବେ ସେ ଉପରେ ମତ ଦେଇଥିଲେ। ଏହି ଅବସରରେ କିନ୍ନର ପୂର୍ଣ୍ଣିମା, ବିଷ୍ଣୁପ୍ରିୟା ନିଜ ଜୀବନର ଅନୁଭୂତି କହିଥିବା ବେଳେ, ୬ ଜଣ କିନ୍ନର ନୟନା, ରମେଶ, ମନୋଜ, ବରୁଣ, ପୁର୍ଣ୍ଣିମା ଓ ଗୁପ୍ତେଶ୍ୱରଙ୍କୁ ‘ସ୍ୱୀକୃତି’ ଯୋଜନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାତୀର କର୍ମୀ ରାଜକୁମାର ବେହେରା, ମାମିନା କହଁର, କନକ ପାତ୍ର, ଗୀତାଞ୍ଜଳି କହଁର, ଅନନ୍ତ ମଲ୍ଲିକ, ମିଲି ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

# ଏକ୍ସ-ବୋର୍ଡ ବାଳିକା ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ

ପୋଲସରା,୧୭।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ସହରସ୍ଥିତ ଏକ୍ସ-ବୋର୍ଡ ବାଳିକା ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଶନିବାର ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରାଜ୍ୟ ସରକାର ଶିକ୍ଷାକୁ ଅଗ୍ରାଧିକାର ଦେଉଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଳୟାଭିମୁଖୀ କରାଯାଉଥିବା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହ ଶିକ୍ଷକମାନଙ୍କ ସହ ଅଭିଭାବକମାନଙ୍କ ମଧ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କବିରାଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମୂରଲୀଧର ନନ୍ଦ, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ କାଳୀଚରଣ ବେହେରା, ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ନଗରପାଳିକା ସଙ୍ଗୀତା ବେହେରା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଚରଣ ସ୍ୱାଇଁ, ସୁକାନ୍ତି ସାହୁ, ବ୍ଲକ୍ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ପରିଡ଼ା, ନଗର ଉପାଧକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟା ଝୁନୁ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟାଳୟ ସ୍ଥାପନର ଇତିହାସ ଓ ବିବରଣୀ ପଠନ କରିଥିଲେ। ଏକ୍ସ-ବୋର୍ଡ ବାଳିକା ପ୍ରାଥମିକ ବିଦ୍ୟାଳୟ ପ୍ରଥମେ ୧୯୧୨ରେ ବାଳକ ଓ ୧୯୨୨ରେ ବାଳିକା ଦୁଇଟି ବିଦ୍ୟାଳୟ ଭାବରେ ଥିଲା। କିନ୍ତୁ ୨୦୧୮ ମସିହାରେ ସ୍କୁଲ ସମ୍ମିଶ୍ରଣରେ ଦୁଇଟି ସ୍କୁଲ ମିଶି ଏକ୍ସ-ବୋର୍ଡ ବାଳିକା ପ୍ରାଥମିକ ବିଦ୍ୟାଳୟ ଭାବରେ ନାମିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଦିବଙ୍ଗତ ଛାତୀଛାତ୍ରମାନଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ପାଖେଇ ଆସୁଛି ଗୋପାଳପୁର ବେଳାଭୂମି ମହୋତ୍ସବ

# ସମ୍ପୂର୍ଣ୍ଣ ହୋଇନି ରାସ୍ତା,ଆଲୋକୀକରଣ କାର୍ଯ୍ୟ

ଗୋପାଳପୁର,୧୭।୧୨,(ଡି.ଏନ୍.ଏ.)

ଗୋପାଳପୁର ବେଳାଭୂମିକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ସୌନ୍ଦର୍ଯ୍ୟକରଣ କରାଯାଉଛି। ବିଗତ ଦୁଇ ବର୍ଷ ହେବ କରୋନା ମହାମାରୀ କାରଣରୁ ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟକଙ୍କ ଆଗମନ ଉପରେ ରୋକ ଲାଗିଥିଲା। କରୋନା ନିୟନ୍ତ୍ରଣାଧୀନ ହେବା ସହ ଚଳିତ ବର୍ଷ ଡିସେମ୍ବର ଶେଷ ସପ୍ତାହରେ ଏଠାରେ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ନିମନ୍ତେ ଗଞ୍ଜାମ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ମିଳିତ ସହଯୋଗରେ ବ୍ୟାପକ ପ୍ରସ୍ତୁତି ଚାଲିଛି। କିନ୍ତୁ ଦୁଃଖର ବିଷୟ ହେଉଛି, ଗୋପାଳପୁରଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଗମନାଗମନାରେ ଅସୁବିଧା ସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ନିୟମିତ ସାଂସଦ, ବିଧାୟକ, ସ୍ଥାନୀୟ ଜନପ୍ରତିନିଧି, ଓ ପ୍ରଶାସନିକ ଅଧିକାରୀମାନେ ଯାତାୟତ କରୁଥିଲେ ମଧ୍ୟ ଏହି ରାସ୍ତା ଉପରେ ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଆଚମ୍ବିତ କରିଛି। ସେହିପରି ଦୀର୍ଘ ଦୀନ ଧରି ଧରି ପୂର୍ତ୍ତ ବିଭାଗ ପକ୍ଷରୁ ରାମଚନ୍ଦ୍ରପୁରଠାରୁ ଗୋପାଳପୁର ଜଙ୍କସନ ପର୍ଯ୍ୟନ୍ତ ରାସ୍ତା ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଅନ୍ୟପଟେ ରାସ୍ତାସାରା ଷ୍ଟ୍ରିଟ ଲାଇଟ ଲଗାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସେଗୁଡ଼ିକ ଜଳିନାହିଁ। ପୂର୍ବରୁ ବହୁବାର ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ରାସ୍ତା ମରାମତି ଓ ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ ଦାବି କରିଆସୁଛନ୍ତି। ଆଗକୁ ବେଳାଭୂମି ମହୋତ୍ସବ ଥିବାରୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ବହୁ କଳାକାରଙ୍କ ଆଗମନ ହେବ। ଏପରି କ୍ଷେତ୍ରରେ ରାସ୍ତା ମରାମତି ଓ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ନ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଲକ୍ଷାଧିକ ଟଙ୍କାର କାଠ ଜବତ

ଆସିକା,୧୭।୧୨(ଡି.ଏନ.ଏ)

ଆସିକା ବନାଞ୍ଚଳର ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ମହଜୁଦ କରାଯାଇଥିବା ବହୁ ପରିମାଣର ସାଇଜ କାଠ ଜହତ କରାଯାଇଛି। ବିଭିନ୍ନ କିସମର ମୂଲ୍ୟାବନ ଏହି ସାଇଜ କାଠର ପରିମାଣ ପ୍ରାୟ ୩୫ ଘନଫୁଟ ଓ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି କାଠ ସବୁ ଘୋଡାଇ ରଖାଯାଇଥିବା ନେଇ ବନ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଭଗବାନ ବିଷୋୟୀ, ଧରାକୋଟ ବନପାଳ ଅକ୍ଷୟ କୁମାର ତ୍ରିପାଠୀ ଏବଂ ଷଡଙ୍ଗିପଲ୍ଲୀ ବନପାଳ ସାନ୍ତୁନୁ ନାୟକ ପହଞ୍ଚି କାଠ ସବୁ ଜବତ କରିଥିଲେ।

# ବଡ଼ଦିନ ପ୍ରସ୍ତୁତି, ଶାନ୍ତି କମିଟି ବୈଠକ

ଦାରିଙ୍ଗବାଡ଼ି,୧୭।୧୨(ଡି.ଏନ.ଏ)

ଆଗକୁ ବଡଦିନ ପର୍ବ। ଚଳିତ ୨୪ମଧ୍ୟରାତିରେ ଯୀଶୁଖ୍ରୀଷ୍ଟ ଧରାପୃଷ୍ଠରେ ଜନ୍ମ ନେବେ ଏବଂ ୨୫ରେ ଧୁମଧାମରେ ଜନମ ଦିନ ପାଳନ କରାଯିବ। ଏଥିପାଇଁ ଖ୍ରୀଷ୍ଟ ଧର୍ମାଲମ୍ବୀଙ୍କ ମଧ୍ୟରେ ଉତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି। ସେହିପରି ଖ୍ରୀଷ୍ଟ ଶ୍ରଦ୍ଧାଳୁ ନିଜ ଘର ରଙ୍ଗ ଦେବା ସହ ନୂଆ ବସ୍ତ୍ର ସବୁ କିଣୁଛନ୍ତି। ତେବେ ଏହି ପର୍ବ ଅଞ୍ଚଳରେ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେନେଇ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ତହସିଲଦାର ଡ. ଅଶୋକ କୁମାର ଦାସ, ଆଇଆଇସି କୌଶିକ ମାଝୀ, ବାମୁଣୀଗାଁ ଏସ୍‌ଆଇ ଅମରେନ୍ଦ୍ରନାଥ ସୁବୁଦ୍ଧି, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ,ଏମ୍‌ପି ପ୍ରତିନିଧି ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଏବେ ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ବଡଦିନ ଛୁଟି ପାଇଁ ଆହୁରି ଏହି ଭିଡ଼ ଦ୍ୱିଗୁଣିତ ହେବ ତେଣୁ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଶାନ୍ତି କମିଟିକୁ ପରାମର୍ଶ ଦିଆଯାଇଥିଲା। ରାତ୍ରି କାଳୀନ ପାଟ୍ରୋଲିଂକୁ ବୃଦ୍ଧି କରାଯିବା ସହ ନାକା ବନ୍ଦୀ କରାଯାଇ ଗାଡିମୋଟର ଯାଞ୍ଚ ସମେତ ପାଦରେ ଚାଲି ମଧ୍ୟ ପାଟ୍ରୋଲିଂ କରାଯିବ ବୋଲି ପୋଲିସ କହିଛି। ସମ୍ବେଦନ ସ୍ଥାନରେ ପୋଲିସ ଜଗି ରହିବ। ବାମୁଣୀଗାଁ ଥାନା ଅଞ୍ଚଳର କାଟିଙ୍ଗିଆ, ହାତୀମୁଣ୍ଡ, ଗଦାପୁର, ଡାକୁଙ୍ଗିଆ, ସରାମୁଳି, ଝିଞ୍ଜିରୀଗୁଡ଼ା, କୁମ୍ଭାରୀଗାଁ ସମେତ ଦାରିଙ୍ଗବାଡ଼ି ଥାନାର ଦାରିଙ୍ଗବାଡ଼ି ସମେତ ସିମନବାଡ଼ି, ଦାସିଙ୍ଗବାଡ଼ି, ସିଆଙ୍ଗବାଲି, ଭ୍ରମରବାଡ଼ି, ଶ୍ରାନିକେତା, ବାଡ଼ବାଙ୍ଗା ଆଦି ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରାଯିବ ବୋଲି ପୋଲିସ କହିଛି। ବୈଠକରେ ଦାରିଙ୍ଗବାଡିର ବିଭିନ୍ନ ପଞ୍ଚାୟତର ବୁଦ୍ଧିଜୀବୀ, ବିଭିନ୍ନ ସାମ୍ପ୍ରଦାୟ ସମେତ ହୋଟେଲ ସଂଘ, ବଣିକ ସଂଘ, ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ସମ୍ମିଳନୀ

ପାରଳାଖେମୁଣ୍ଡି,୧୭।୧୨(ଡି.ଏନ୍.ଏ.)

ଚାଷୀଙ୍କ କୃଷି ଉତ୍ପାଦର ଉଚିତ୍ ମୂଲ୍ୟ ସମେତ ପ୍ରତ୍ୟେକ ଚାଷୀ ପରିବାରକୁ ମାସିକ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ସମସ୍ତ ସ୍ତରରେ ଚାଷୀଙ୍କୁ ସମ୍ମାନ ଦେବା ଦାବିରେ ପାରଳାଖେମୁଣ୍ଡି ସ୍ଥିତ ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସରରେ ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ଚାଷୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲା ପ୍ରଭାରୀତ୍ ରଣଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷ ଦେବ ନନ୍ଦ ଯୋଗ ଦେଇ ସରକାରଙ୍କ ବିପର୍ଯ୍ୟୟ କୃଷିନୀତି ଯୋଗୁ ଚାଷୀମାନେ କିଭଳି ତଳି ତଳାନ୍ତ ହେଉଛନ୍ତି କହି ଚାଷୀଙ୍କ ଧାନ କୌଣସି କାରଣରୁ ନଷ୍ଟ ହେଲେ ସେଥିପାଇଁ ଚାଷୀ ପରିବାରକୁ ସମ୍ମାନର ସହ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ଦେବା ଦାବି କରିଥିଲେ। ଏଥିସହ ମିଲେଟ ମିଶନରେ ଅଧିକ ଚାଷ ହେଉଥିବା ଦର୍ଶାଇ ଅଧିକ ହେର୍‌ଫେର ହେଉଥିବା ଅଭିଯୋଗ କରିଥିଲେ। ବର୍ଷା ସାଙ୍ଗକୁ ପାଗ ଖରାପ ହୋଇ ଚାଷୀର ଧାନ ବେରଙ୍ଗି ହୋଇଗଲେ ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗରେ କହିଥିଲେ। ତେଣୁ ଆଗାମୀ ଦିନରେ ଜିଲାର ୧୬ ହଜାର ଚାଷୀଙ୍କ ଧାନ ଯେଭଳି ସଂଗ୍ରହର ଶେଷ ପର୍ଯ୍ୟନ୍ତ ବିକ୍ରି ହେବ, ସେଥିପାଇଁ ଚାଷୀ ଶନିବାର ଏକତ୍ରିତ ହୋଇଛନ୍ତି।



ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବଟେଶ୍ୱର ଶୈବପୀଠ

## ପାର୍କ, ସମୁଦ୍ର ବେଳାଭୂମିରେ ମଜା ନେଉଛନ୍ତି ଛୁଆଠାରୁ ବୃଦ୍ଧ

ଗଞ୍ଜାମ,୧୭।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜାତୀୟ ରାଜପଥ ହୁମାଠାରୁ ମାତ୍ର ୩କିମି ରାସ୍ତା ପରେ ପଡିବ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ପୀଠ। ଅନ୍ୟାନ୍ୟ ଋତୁ ସମେତ ଶୀତଋତୁ ଆସିବାମାତ୍ରେ ସେଠାରେ ପ୍ରବଳ ଭିଡ଼ ଜମିଥାଏ। ଝାଉଁ ଜଙ୍ଗଲ ମଧ୍ୟରେ ଥିବା ଏହି ବଟେଶ୍ୱର ପୀଠକୁ ଲାଗି ରହିଛି ଆକର୍ଷଣୀୟ ମନୋରମ ଶିଶୁ ପାର୍କ। ଏଥିସହ ସେଠାରେ ଅଛି ପର୍ଯ୍ୟଟକମାନଙ୍କ ପାଇଁ ଶୌଚାଳୟ, ରାତ୍ର ରହଣି ପାଇଁ କଲ୍ୟାଣ ମଣ୍ଡପ। ଏଥିପାଇଁ ପ୍ରତିବର୍ଷ ଏହି ପର୍ଯ୍ୟଟନ ସ୍ଥଳୀକୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପିକ୍‌ନିକ କରିବାକୁ ଆସିଥାନ୍ତି। ପ୍ରାୟ ୩୦ ଫୁଟ ତଳେ ପୂଜା ପାଉଛନ୍ତି ମହାଦେବ। ମନ୍ଦିର ଚତୁଃପାର୍ଶ୍ୱରେ ଘେରି ରହିଛି ଝାଉଁ ଜଙ୍ଗଲ। ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ମନ୍ଦିରକୁ ଲାଗି ରହିଛି ଶିଶୁ ଉଦ୍ୟାନ। ଉକ୍ତ ଉଦ୍ୟାନରେ ଜୀବନ୍ତ ଭଳି ଦେଖାଯାଉଛି ପ୍ଲାଷ୍ଟିକରେ ନିର୍ମିତ ବିଭିନ୍ନ ବାଘ, ଜେବ୍ରା, ହରିଣ ଆଦି। ପାର୍କକୁ ଲାଗି ରହିଛି ଏକ ଅତ୍ୟାଧୁନିକ ପୋଖରୀ ଓ ପୋଖରୀର ମଧ୍ୟସ୍ଥଳରେ ବିରାଟ ଶିବମୂର୍ତ୍ତି। ପୋଖରୀ ଚତୁଃପାର୍ଶ୍ୱରେ ବିଭିନ୍ନ ଛୋଟ ଛୋଟ ଫୁଲ ଗଛ ଲଗାଯାଇଥିବା ବେଳେ ଆକର୍ଷଣୀୟ ଆଲୋକ ମାଳାରେ ଝଲସି ଉଠୁଛି ପୋଖରୀ, ଯାହା ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ବଟେଶ୍ୱର ପୀଠଠାରୁ ଆଉ କିଛି ଦୂରରେ ରହିଛି ବଙ୍ଗୋପସାଗର ବେଳାଭୂମି। ପ୍ରତିବର୍ଷ କାର୍ତ୍ତିକ ମାସ ସୋମବାର ଏଠାରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ। ମାସ ଶେଷରେ ପୂର୍ଣ୍ଣିମାରେ ଏହି ପୀଠଠାରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଲକ୍ଷାଧିକ ଭକ୍ତ ଠାକୁର ଦର୍ଶନ ସାଙ୍ଗକୁ ସମୁଦ୍ର ବେଳାଭୂମିରେ ମଜା ନେଉଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଥିବା ସତ୍ତ୍ୱେ ମିଳିନି ପର୍ଯ୍ୟଟନ ମାନ୍ୟତା। ଏହି ପ୍ରସିଦ୍ଧ ବଟେଶ୍ୱର ମନ୍ଦିରର ବିଭିନ୍ନ ଯାନିଯାତ୍ରାକୁ ଛଅ ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ମୟୂରପଦା, ଗୋଖରକୁଦା ଏବଂ ପୋଡ଼ମପେଟା ଗ୍ରାମବାସୀ ପରିଚାଳନା କରୁଛନ୍ତି। ଏହି ପୀଠକୁ ଯିବାଆସିବା ରାସ୍ତା ପ୍ରଶସ୍ତୀକରଣ ହୋଇପାରିଲେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା ହୋଇପାରନ୍ତା ବୋଲି ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ କହିଛନ୍ତି।



ବଟେଶ୍ୱର ପୀଠ।

# ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ସଂଘର ବିକ୍ଷୋଭ

## ୨୭ରେ ବିଧାନସଭା ସମ୍ମୁଖରେ ଧାରଣା

ଭଞ୍ଜନଗର,୧୭।୧୨(ଡି.ଏନ.ଏ)

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଏକ୍ସ କ୍ୟାଡର ଭଞ୍ଜନଗର ବ୍ଲକ ଶାଖା ପକ୍ଷରୁ ଶନିବାର ଅପରାହ୍ନରେ ଭଞ୍ଜନଗର ବିଇଓ ଅଫିସ ସମ୍ମୁଖରେ ୮ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ବାଚସ୍ପତି ଏବଂ ବିଇଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଉକ୍ତ ଦାବିକୁ ତୁରନ୍ତ ପୂରଣ ନ କରନ୍ତି ତେବେ ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଭାପତି ସୀମାଞ୍ଚଳ ପାତ୍ର ପ୍ରକାଶ କରିଛନ୍ତି। ବିକ୍ଷୋଭ ସଭାରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ଉପଦେଷ୍ଟା ରାଜକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଅମର ବିଳାସ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ନେତା ସଞ୍ଜୟ ପ୍ରଧାନ,ରାଜେଶ ପ୍ରଧାନ,ସମ୍ପାଦକ ବିଶ୍ୱଜିତ ସ୍ୱାଇଁ, ଉପସଭାପତି ରବି ନାରାୟଣ କର, ନିଗମାନନ୍ଦ ପ୍ରଧାନ, ସହ ସମ୍ପାଦକ ଶଶିଭୂଷଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଗଣେଶ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୂର୍ଯ୍ୟନାରାୟଣ ମହାରଣା, ଅନିଲ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।




ଶିକ୍ଷୟତ୍ରୀ, ଶିକ୍ଷକ ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଶିଳ୍ପାଞ୍ଚଳ ଛକରେ ସିପିଏମ୍‌ର ରାସ୍ତାରୋକୋ

- ସିଟି ବସ୍ ଚଳାଚଳ, ରାସ୍ତା ସମ୍ପ୍ରସାରଣ ଦାବି
- ଭାଜପା କର୍ପୋରେଟରଙ୍କ ୱାର୍ଡରେ ବାମପନ୍ଥୀଙ୍କ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୭।୧୨

ବ୍ରହ୍ମପୁର ମହାନଗର ୩୯ନଂ ୱାର୍ଡ ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଶନିବାର ସିପିଏମ୍ ପକ୍ଷରୁ ରାସ୍ତାରୋକୋ ସହ ଗଣ ବିକ୍ଷୋଭ କରାଯାଇଥିଲା। ଇଞ୍ଜିନିୟରିଂ ସ୍କୁଲ ଛକରୁ ଶିଳ୍ପାଞ୍ଚଳ ଛକ ପର୍ଯ୍ୟନ୍ତ ନିର୍ମିତ ରେଲୱେ ଓଭରବ୍ରିଜ୍ ତ୍ରୁଟିପୂର୍ଣ୍ଣ ହୋଇଥିବା ଓ ପାର୍ଶ୍ୱ ରାସ୍ତା ଅଣଓସାରିଆ ଯୋଗୁ ଦୁର୍ଘଟଣା ଘଟୁଥିବା ଏବଂ ବହୁବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ଦିଗରେ ବିଇଏମସି ଓ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବା ପ୍ରତିବାଦରେ ଏହା କରାଯାଇଥିଲା। ଅପରପକ୍ଷରେ ନିର୍ବାଚିତ ଭାଜପା କର୍ପୋରେଟରଙ୍କ ୱାର୍ଡରେ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଆନ୍ଦୋଳନ ରାଜନୈତିକ ଦୃଷ୍ଟିରୁ ରୋଚକ ହୋଇଥିଲା।

ଗଞ୍ଜାମ ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଲାଲ ପତାକା ଧରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଉପଖଣ୍ଡ ପ୍ରଶାସନ ଓ ପୂର୍ତ୍ତ ବିଭାଗ ବିରୋଧରେ ନାରାବାଜି କରିଥିଲେ। ଅନ୍ୟପକ୍ଷରେ ଶିଳ୍ପାଞ୍ଚଳରେ ବହୁ ଲକ୍ଷ ଟଙ୍କା ବ୍ୟୟରେ ବିଇଏମସି ପକ୍ଷରୁ ବସ ଷ୍ଟପେଜ୍ ନିର୍ମାଣ କରାଯାଇଛି। ଉଦ୍‌ଘାଟନର ୪ ବର୍ଷ ବିତିଥିବା ବେଳେ ଏହି ସ୍ଥାନକୁ କୌଣସି ଯାତ୍ରୀବାହୀ ବସ ଆସୁ ନ ଥିବା ସିପିଏମ୍ ଆଉ ଏକ ସଙ୍ଗିନ ଅଭିଯୋଗ କରିଛି। ବିଇଏମସି କମିଶନର ବିଡିଏର ଉପାଧ୍ୟକ୍ଷ ଅଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ମହାନଗରରେ ଚଳାଚଳ ହେଉଥିବା ବିଡିଏର ସିଟି ବସ ଶିଳ୍ପାଞ୍ଚଳକୁ ଆସୁ ନ ଥିବାରୁ ଯାତ୍ରୀ ସେବା ଠପ୍ ହୋଇଛି। ତୁରନ୍ତ ସିଟି ବସ ଯାତାୟାତ ପାଇଁ ବାମପନ୍ଥୀ ଦଳ ଦାବି କରିଛି। ଆନ୍ଦୋଳନରେ ପୂର୍ବତନ ପୌର କାଉନସିଲର ବାବୁଲା ନାୟକ, ସିଆଇଟିୟୁ ନେତା ପ୍ରତାପ ଚୌଧୁରୀ, କେଶବ ଗୌଡ଼, ହରିହର ନାହାକ, ଚିଟି ବାବୁ, ରଞ୍ଜନ ପାତ୍ର, ଗୋପାଳ ମହାନ୍ତି, ଲୋକନାଥ ଖୁଣ୍ଟିଆ, ଶ୍ରୀନିବାସ ଦାସ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଜିଲା ସମ୍ପାଦକଙ୍କ ନେତୃତ୍ୱରେ ଏକ ଟିମ୍ ଉପଜିଲାପାଳଙ୍କୁ ଭେଟି ଦୁଇ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଦେଇଥିଲେ। ତୁରନ୍ତ ସିଟି ବସ ସେବା ଯୋଗାଇବା ସହ ରାସ୍ତା ସମ୍ପ୍ରସାରଣ ନ ହେଲେ ପୁଣି ଆନ୍ଦୋଳନ ଚଳାଇବାର ଚେତାବନୀ ଦିଆଯାଇଛି।



ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ସିପିଏମ୍ ପକ୍ଷରୁ ରାସ୍ତାରୋକୋ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ନୀଳକଣ୍ଠନଗର ଏସ୍‌ଏସ୍‌ଭିଏମ ବାର୍ଷିକୋତ୍ସବ । ସ୍ଥାନ–ନୀଳକଣ୍ଠ ନଗର, ସମୟ–ଅପରାହ୍ନ ୨ଟା।
- ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅଟୋ ଏକ୍ସପୋ। ସ୍ଥାନ–କେ. ସି. ହାଇସ୍କୁଲ ଖେଳ ପଡିଆ, ସମୟ–ପୂର୍ବାହ୍ନ ୧୦ଟା।
- ମାସିକ ସାହିତ୍ୟ ଆସର। ସ୍ଥାନ–ହିଲପାଟଣା,ସମୟ–ଅପରାହ୍ନ ୪ଟା।

**ବାଲିଗୁଡ଼ା**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ତମ ବାର୍ଷିକୋତ୍ସବ।ସ୍ଥାନ–ବିଦ୍ୟାମନ୍ଦିର ପରିସର, ସମୟ–ଅପରାହ୍ନ ୨.୧୫ ମି.

**ଭଞ୍ଜନଗର**

- ରକ୍ତଦାନ ଶିବିର। ସ୍ଥାନ–ତନରଡା ଆଇ ଆର୍ ବି ବାଟାଲିୟନ, ସମୟ–ସକାଳ ୯ଟା।

**ଦାରିଙ୍ଗବାଡ଼ି**

- ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ। ସ୍ଥାନ –ପାଟଖଣ୍ଡା ପଡ଼ିଆ, ସମୟ –ପୂର୍ବାହ୍ନ –୧୧ଟାରୁ ସନ୍ଧ୍ୟା ୫ଟା

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ,୧୭।୧୨: ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି କୃଷ୍ଣନଗର ତୃତୀୟ ଲାଇନରେ ରହୁଥିବା ନାରାୟଣ ପୂଜାରୀ (୪୦)। ପୋଲିସ ଘଟଣା ବେଳେ ବ୍ୟବହାର ହୋଇଥିବା ଲୁହାଛଡ଼ ଜବତ କରିଛି। ମାମଲା ନମ୍ବର ୪୪୬/୨୨ରେ ନାରାୟଣଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନାରାୟଣ, ତାଙ୍କ ସ୍ତ୍ରୀ ଟୁକୁନି ଓ ଦୁଇ ଝିଅ କୃଷ୍ଣନଗରରେ ରୁହନ୍ତି। ବିଭିନ୍ନ କାରଣକୁ କେନ୍ଦ୍ରକରି ଟୁକୁନିଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୧୫ ତାରିଖ ରାତିରେ ନାରାୟଣ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ବେକରେ ଲୁହାଛଡ ଚାପି ହତ୍ୟା ଉଦ୍ୟମ କରିଥିଲେ। ନିକଟରେ ଥିବା ତାଙ୍କର ଦୁଇ ଝିଅ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ନାରାୟଣ ଆକ୍ରମଣ କରିଥିଲେ। ପରେ ଟୁକୁନି ଓ ତାଙ୍କ ଦୁଇ ଝିଅ ଉକ୍ତ ଘରୁ ନିଜ ଜୀବନ ବଞ୍ଚାଇ ସେଠାରୁ ବାପା ଘରକୁ ଚାଲି ଆସିଥିଲେ। ପରେ ଟୁକୁନି ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକ

ବ୍ରହ୍ମପୁର ଅଫିସ୍,୧୭।୧୨

ଭାରତ ଏକ ସଂସ୍କୃତିସମ୍ପନ୍ନ ବୈଦିକ ପରମ୍ପରାର ଦେଶ। ଏଠାରେ ବିଭିନ୍ନ ଧର୍ମାବଲମ୍ବୀ ଓ ସମ୍ପ୍ରଦାୟର ଅଧିବାସୀ ବସବାସ କରୁଛନ୍ତି। ପରମ୍ପରାକୁ ସମସ୍ତେ ସମ୍ମାନ ଜଣାଇଥାନ୍ତି। ଏଠାରେ ପୁରୁଷ ଓ ସ୍ତ୍ରୀଙ୍କ ବିବାହ ବନ୍ଧନକୁ ଓ ସ୍ୱର୍ଗୀୟ ବୋଲି ମାନ୍ୟତା ରହିଛି। କିନ୍ତୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଜ୍ଞାନୀ ବିଚାରପତି ବିଭ୍ରାନ୍ତିକର ତଥା କଳୁଷିତ ମନ୍ତବ୍ୟ ଦେଇଛନ୍ତି। ଜଣେ ବିବାହିତା ତାଙ୍କ ସ୍ୱାମୀଙ୍କ ବିନା ସହମତିରେ ପରପୁରୁଷ ସହ ଶାରୀରିକ ସମ୍ପର୍କ ରକ୍ଷା କରିପାରିବେ। ବିଚାରପତିଙ୍କ ଏହି ମନ୍ତବ୍ୟକୁ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକରେ ଦୃଢ଼ ସମାଲୋଚନା କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଏହି ମନ୍ତବ୍ୟ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏବଂ ପରିବାର ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବ। ଶୃଙ୍ଖଳିତ ଭାରତୀୟ ପରମ୍ପରାକୁ କ୍ଷୁଣ୍ଣ କରି ଅଶାନ୍ତି ଓ ବ୍ୟଭିଚାର ସୃଷ୍ଟି କରିବ ବୋଲି ମତପ୍ରକାଶ ପାଇଥିଲା। ଏହିଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସ୍ୱର୍ଗତ ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ ବେଦ ପାଠ କରିଥିଲେ। ଗାୟକ ଶ୍ୟାମାପ୍ରସାଦ ପାଢ଼ୀ ଭଜନ ଗାନ କରିଥିଲେ। ସଭାପତି ରାଧା ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରି ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଗୋପାଳ କୃଷ୍ଣ ପାଢ଼ୀ, ସୁବାସ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଘର ସଦସ୍ୟ।

## ହତ୍ୟା ଉଦ୍ୟମ ଅଭିଯୋଗ: ୬ ଆହତ, ୫ ଗିରଫ

ପୁରୁଷୋତ୍ତମପୁର, ୧୭।୧୨ (ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ଦେଉଳପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାର ଉପରେ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ରୀନା ନାହାକ, ସଂଯୁକ୍ତା ପ୍ରଧାନ, ଚାନ୍ଦ ନାହାକ, ସୁନିଲ୍ ନାହାକ, ଶୁଶାନ୍ତ ସ୍ୱାଇଁ, ବାବୁ ଜେନା ଆହତ ହୋଇଛନ୍ତି। ସମସ୍ତଙ୍କୁ ହିଞ୍ଜିଳି ମେଡିକାଲକୁ ନିଆଯାଇଥିଲା। ରୀନା, ସୁନିଲ୍, ଚାନ୍ଦ, ଶୁଶାନ୍ତ ଓ ବାବୁଙ୍କ ଅବସ୍ଥା ଗୁରୁତର ରହିଥିବାରୁ ବ୍ରହ୍ମପୁର ବଡମେଡିକାଲ ପଠାଯାଇଛି। ଏ ନେଇ ସଂଯୁକ୍ତା ପ୍ରଧାନ ଶନିବାର ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି ଯେ ଶୁକ୍ରବାର ରାତିରେ ଗ୍ରାମରେ ଏକ ଶୁଦ୍ଧକ୍ରିୟା ଭୋଜି ଚାଲିଥିବା ବେଳେ ପ୍ରାୟ ୨୦ ରୁ ୨୫ ଜଣ ଯୁବକ ମାରଣାସ୍ତ୍ର ଧରି ଆସି ଅତର୍କିତ ଭାବେ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏ ନେଇ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ନଂ. ୭୯୨/୨୨ରେ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଣ୍ଡରଖଲୀର ସତିନ୍ଦ୍ର ଓରଫ ବୁଡୁ ଦଳେଇ ଓ ପୁରୁଷୋତ୍ତମପୁର ଅମୁଣିଆ ସାହରି ସନିଆ ଗୌଡ, ନିଲୁ ଗୌଡ଼ ଓରଫ କରୁଣାକର, ରଞ୍ଜନ ଗୌଡ ଓ ନନ୍ଦିକ ସାହିର ବୁନୁ ବେହେରା।

ଘଟଣାକୁ ନେଇ ଥାନା ତଦନ୍ତକାରି ଅଧିକାରୀ ଏସଆଇ ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ସେହି ଗ୍ରାମର ଚାନ୍ଦ ଓ ସତିନ୍ଦ୍ରଙ୍କ ମଧ୍ୟରେ ପୂର୍ବଶତ୍ରୁତା ରହିଥିଲା। ଏହାକୁ ନେଇ ବୁଡୁ କିଛି ଯୁବକଙ୍କୁ ବାହାରୁ ଡକାଇ ଚାନ୍ଦଙ୍କ ପରିବାର ଉପରେ ଆକ୍ରମଣ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଯେଉଁ ବ୍ୟକ୍ତିମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି ସମସ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ଦିଲୀପ


@ ବି. ସାଇରାମ


@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ/ଧରାକୋଟ, ୧୭।୧୨: ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଆଶାକର୍ମୀଙ୍କର ବଡ ମେଡିକାଲରେ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ଥାନା ଅନ୍ତର୍ଗତ ବାଦପୁର ଗ୍ରାମର ରମେଶ ନାୟକଙ୍କ ସ୍ତ୍ରୀ ସଚଳା ନାୟକ (୩୯)। ସେ ଆଶା କର୍ମୀ ଥିଲେ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୬୮୭/୨୨ ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ସଚଳା ଶନିବାର ପୂର୍ବାହ୍ନରେ ତାଙ୍କ ପୁଅ ଗିରିଧାରୀ ନାୟକଙ୍କ ସହ ବାଇକ୍‌ରେ ବସି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ଶାସନ ଗାଁ ଛକରେ ଗିରିଧାରୀଙ୍କ ବାଇକ ସମ୍ମୁଖକୁ ଏକ ସାଇକେଲ ଚାଳକ ଆସିଯାଇଥିଲେ। ଫଳରେ ସେ ଭାରସାମ୍ୟ ହରାଇ ପଡିଯିବାରୁ ବାଇକ୍‌ରୁ ସଚଳା ଛିଟିକି ତଳେ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଆସିକା ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଆଶା କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବ୍ରିଜ୍‌କୁ ପିଟିଲା କାର୍, ମହିଳା ମୃତ

ବେଗୁନିଆପଡ଼ା,୧୭।୧୨(ଡି.ଏନ.ଏ.): ବେଗୁନିଆପଡ଼ାଠାରୁ ଭେଜିପୁଟ ରାସ୍ତାର ସୁମଣ୍ଡଳ ନିକଟସ୍ଥ ମା'କାଳୀ ମନ୍ଦିର ପାଖରେ ଥିବା ବ୍ରିଜରେ ଗୋଟିଏ କାର୍ ଭାରସାମ୍ୟ ହରାଇ ବ୍ରିଜ୍‌କୁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରାସ୍ତା ପାର୍ଶ୍ୱରେ ଥିବା ଜଣେ ମହିଳାଙ୍କୁ କାର୍‌ଟି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁମଣ୍ଡଳ ପଞ୍ଚାବୀ ସାହିର ତ୍ରିନାଥ ସ୍ୱାଇଁଙ୍କ ସ୍ତ୍ରୀ ଶିଶୁଳା ସ୍ୱାଇଁ(୬୦)। ବେଗୁନିଆପଡା ପଟୁ ଏକ କାର୍ (ନଂ-ଓଡି୦୨ବିସି୭୯୬୨) ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାଣିଆବାଡ଼ି ଛକ ମା' କାଳୀଙ୍କ ମନ୍ଦିର ପରେ ଥିବା ଏକ ଶଙ୍କର ଡାହାଣ ପାର୍ଶ୍ୱରେ ଧକ୍କା ଦେଇ ଓଲଟି ପଡିଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଶିଶୁଳାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ଖଲ୍ଲିକୋଟ ମେଡିକାଲକୁ ନିଆଯିବା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବେଗୁନିଆପଡା ଫାଣ୍ଡି ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ନିର୍ଦ୍ଦୋଷ

**ନାବାଳିକା ବଳାତ୍କାର ମାମଲା**

ବ୍ରହ୍ମପୁର ଅଫିସ,୧୭।୧୨

ବ୍ରହ୍ମପୁର ଫାଷ୍ଟ ଟ୍ରାକ୍ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ମାମଲାର ମୁଖ୍ୟ ଅଭିଯୁକ୍ତ ଦଧିବାମନ ପଟ୍ଟନାୟକ, ଦୁଇ ଭାଇ ଅନିଲ କୁମାର ଗୌଡ଼, ସୁନିଲ କୁମାର ଗୌଡ଼ ଓ ତାଙ୍କ ଭଉଣୀ ସାବିତ୍ରୀ ଗୌଡ଼ ବୋଲି ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ଓ ବରୁଣ ଗୌଡ଼ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୮ ମେ' ୨୯ରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାରସିଂ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.ରେ ୬୯/୧୮ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ୪ମାସ ପରେ ନାବାଳିକା ଜଣଙ୍କ ବଳାତ୍କାରୀଙ୍କ କବଳରୁ ଖସି ଆସି ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଦଧିବାମନ ତାଙ୍କୁ ଅପହରଣ କରି ଜାମୁ –କଶ୍ମୀର ନେଇଥିଲେ। ସେଠାରେ ତାଙ୍କ ଗ୍ରାମର ଜଣେ ଲୋକଙ୍କ ଘରେ ମୋତେ ବଳାତ୍କାର କରିଥିଲେ। ପରେ ପୋଲିସ ତାଙ୍କୁ ୨୦୨୦ରେ ଜାମିନବିହୀନ ଗିରଫ ପରୱାନା ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ ଅନିଲ ଗୌଡ଼ ଓ ତାଙ୍କ ଭଉଣୀ ସାବିତ୍ରୀଙ୍କୁ ଗିରଫ କରିଥିଲା। କିଛିଦିନ ପରେ ଭାଇ–ଭଉଣୀଙ୍କୁ ଜାମିନ ମିଳିଥିଲା। ପରେ ସୁଶୀଲ କୁମାର ଗୌଡ଼ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ଶୁଣାଣି ବେଳେ ଦଧିବାମନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟପଟେ ଅନିଲ ଗୌଡ଼ ଓ ତାଙ୍କର ଭାଇ ଓ ଭଉଣୀଙ୍କୁ ମଧ୍ୟ କୋର୍ଟରେ ହାଜର କରାଯାଇଥିଲା। ୪ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି ।

## ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ନୂତନ ଶାଖା ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ।

ବ୍ରହ୍ମପୁର ଅଫିସ୍,୧୭।୧୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଜେନେରାଲ ଇନ୍‌ସ୍ୟୁରାନ୍ସ ଦକ୍ଷିଣ ଓଡ଼ିଶା ମୁଖ୍ୟ ଶାଖାର ୧୩ତମ ପ୍ରତିଷ୍ଠା ଦିବସ ଓ ନୂତନ ଶାଖା ବିଜିପୁର ମୁଖ୍ୟ ରାସ୍ତା ସ୍ଥିତ ବିଘ୍ନରାଜ କମ୍ପ୍ଲେକ୍ସରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶାଖା ଏଜେନ୍ସି ମୁଖ୍ୟ ସନ୍ତୋଷ କୁମାର ମହାପାତ୍ର, ବ୍ୟାଙ୍କ ମୁଖ୍ୟ ହରିଶ ସୋନି, ଶଙ୍କର ଭୂୟାଁ, ଅପରେଶନ ମୁଖ୍ୟ ଶିବ ସାହୁ ଉପସ୍ଥିତ ଥିଲେ। ଏହା ଦକ୍ଷିଣ ଓଡ଼ିଶାର ମୁଖ୍ୟ ଶାଖା ହୋଇଥିବା ବେଳେ ଗ୍ରାହକଙ୍କୁ ସର୍ବଦା ଆବଶ୍ୟକତା ମୁତାବକ ଇନ୍‌ସ୍ୟୁରାନ୍ସ ଯୋଗାଇବା କ୍ଷେତ୍ରରେ ସଫଳ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଏହି ଶାଖାରେ ଯାନବାହନ, ସ୍ୱାସ୍ଥ୍ୟ, ଦୁର୍ଘଟଣା, ଚାରିଚକିଆ ଯାନ ଇନ୍‌ସ୍ୟୁରାନ୍ସ ଉପଲବ୍ଧ ରହିବ ବୋଲି ମହାପାତ୍ର କହିଛନ୍ତି। ଏହି ଅବସରରେ ଶାଖା ପକ୍ଷରୁ ଗରିବଙ୍କୁ ଶୀତ ବସ୍ତ୍ର ଓ ମାଗଣା ଖାଦ୍ୟ ବଣ୍ଟନ କରାଯାଇଥିଲା।

## ପଡ଼ୋଶୀଙ୍କ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ, ୭ ଆହତ

ଗୋପାଳପୁର,୧୭।୧୨(ଡି.ଏନ.ଏ.)

ଗୋଳନ୍ଥରା ଥାନା କେଲୁଆପଲ୍ଲୀରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପଡ଼ୋଶୀ ମଧ୍ୟରେ ସଂଘବଦ୍ଧ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇ ୭ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଗୋଳନ୍ଥରା ଥାନାରେ ଶନିବାର ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ କରିଛି। ଏହି ଥାନା ଅଧୀନ କେଲୁଆପଲ୍ଲୀ ଗ୍ରାମରେ ଟି.ରଘୁନାଥ ପାତ୍ର ଓ ପୋଡ଼ୋଶୀ ବି.ଗିରିଧର ପାତ୍ରଙ୍କ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଶୁକ୍ରବାର କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗିରିଧର, ତାଙ୍କ ଭାଇ ନୀଳ ପାତ୍ର, ଇଙ୍ଗିଲି ପାତ୍ର ଓ ତାଙ୍କ ମା' ଠେଙ୍ଗା ଓ ମାରଣାସ୍ତ୍ରରେ ରଘୁ ପାତ୍ରଙ୍କ ଭଣଜା ଏମ୍.ଶଙ୍କରପାତ୍ର, ଏମ୍.ଆଶିଷ ପାତ୍ର, ସାରସା ପାତ୍ର ଓ ଟି ସାବିତ୍ରୀ ପାତ୍ରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପ୍ରତିଆକ୍ରମଣରେ ଗିରିଙ୍କ ପରିବାରର ବି.ପାପାମ୍ମା, ଗିରି ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ଏନେଇ ଟି ରଘୁ ପାତ୍ର ଲିଖିତ ଅଭିଯୋଗ କ୍ରମେ ଗୋଳନ୍ଥରା ପୋଲିସ ନଂ. ୪୭୫/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିବା ବେଳେ ଏମ.ଗିରିଧର ପାତ୍ର ମଧ ପାଲଟା ଅଭିଯୋଗ କରିଥିଲେ। ଏ ନେଇ କେଶ୍ ନଂ.୪୭୬/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ରେଳଷ୍ଟେଶନ ନିକଟରୁ ସ୍କୁଟି ସହ ଗଞ୍ଜେଇ ଜବତ

**୨ ଅଭିଯୁକ୍ତ କୋର୍ଟ ଚାଲାଣ**

ବ୍ରହ୍ମପୁର ଅଫିସ,୧୭।୧୨

ଅବକାରୀ ଗୋଇନ୍ଦା ପୋଲିସ ବ୍ରହ୍ମପୁର ରେଳଷ୍ଟେଶନ ନିକଟରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଓ ସ୍କୁଟି ଜବତ କରିଛି। ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ଦୁଇଜଣ ହେଲେ ଶେରଗଡ଼ ଥାନା ଅନ୍ତର୍ଗତ କଣଭାଗ ଗ୍ରାମର ନୀଳାଦ୍ରି ପାଣିଗ୍ରାହୀ (୪୦), ବିଚିତ୍ର ବେହେରା (୧୯)। ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ଟ୍ରେନ ଯୋଗେ ମୁମ୍ବାଇ ଚାଲାଣ କରିଥାନ୍ତେ ବୋଲି ପୋଲିସ କହିଛି। ଶନିବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା କହିଛି। ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ରେଳଷ୍ଟେଶନକୁ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଏକ ଟିମ୍ ସେଠାରେ ଛକି ରହିଥିଲା। ଦୁଇଜଣ ଯୁବକ ସନ୍ଦେହଜନକ ଭାବେ ଏକ ସ୍କୁଟିରେ ଷ୍ଟେଶନ ପଟକୁ ଯାଉଥିବା ବେଳେ ତାଙ୍କୁ ପୋଲିସ ଅଟକାଇ ବ୍ୟାଗ ଯାଞ୍ଚ ବେଳେ ସେଥିରୁ ୨୧ କେଜି ଗଞ୍ଜେଇ ଜବତ ହୋଇଥିଲା। ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଅଶୋକ ଶତପଥୀ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ସ୍କୁଟି ।

## ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୧୭।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଚାଲିଥିବା ୩ ଦିନିଆ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗର ସଂଯୋଜକ ଡ.ମହେଶ୍ୱର ସେଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁର ସାମନ୍ତରାୟ ଏକାଡେମୀର ଦେବେଶ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିସିବି ବ୍ୟାଙ୍କ ଜଗନ୍ନାଥପୁର ବ୍ରାଞ୍ଚ ଶାଖା ପରିଚାଳକ ପ୍ରମୋଦ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ଦୁଇଟି ପର୍ଯ୍ୟାୟରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଆଗାମୀ କ୍ୟାରିୟରରେ ସଫଳତା ପାଇବା ନିମନ୍ତେ ବହୁତ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଦେବେଶ ସାମନ୍ତରାୟ ଛାତ୍ରୀଛାତ୍ରଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପରୀକ୍ଷାରେ ପ୍ରସ୍ତୁତି ନିମନ୍ତେ ବହୁ ଉପାୟ କହିଥିଲେ। ସେହିପରି ସମ୍ମାନିତ ଅତିଥି ପ୍ରମୋଦ ପ୍ରଧାନ ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ନିଯୁକ୍ତି ଚୟନ ପ୍ରକ୍ରିୟା ଆୟୋଜିତ କରାଇଥିଲେ। କାର୍ଯ୍ୟକ୍ରମରେ ୧୨୧ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଶକ୍ତିରଞ୍ଜନ ଦାସ, ଡ.ବି. ଭେଙ୍କଟେଶ୍ୱର ରାଓ, ଚନ୍ଦ୍ରିକା ପ୍ରସାଦ ଦାସ ଓ ଲିପ୍ସା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରଚାଳନାରେ ସହଯୋଗ କରିଥିଲେ।



ବାଣିଜ୍ୟ ବିଭାଗର ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଉଦ୍‌ଯାପିତ ।

